# Rediffusion/Edelman

CoverageReport: TCS IT Wiz – Mega Finals

**Publication**: Kholadwara
**Date:**19/12/2014
**Edition:** Bhubaneswar
**Page No:**7
**Headline:**DAV Bhubaneshwar finishes as runners up of TCS IT Wiz 2014

## ଟିସିଏସ୍ ଆଇଟି ଓ୍ୱିଜ ୨୦୧୪ରେ ଡିଏଭି ଭୁବନେଶ୍ୱର ରନର୍ସ ଅପ୍




ଭୁବନେଶ୍ୱର, ୧୮।୧୨ : ଭାରତ ଓ ୟୁଏଇରେ ସ୍କୁଲ ସ୍ତରରେ ସର୍ବବୃହତ କୁଇଜ କାର୍ଯ୍ୟକ୍ରମ ଭାବେ ପରିଚିତ ତଥା ସବୁଠାରୁ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେଉଥିବା ଟିସିଏସ ଆଇଟି ଓ୍ୱିଜର ମେଗା ଫାଇନାଲରେ ମୁମ୍ବଇର ତାଜଲାଣ୍ଡସ ଏଣ୍ଡ ହୋଟେଲରେ ଡିସେମ୍ବର ୧୪ ତାରିଖରେ ଭାରତରୁ ୬ ଏବଂ ୟୁଏଇର ଗୋଟିଏ ଏହିଭଳି ୭ଟି ଦଳ ମଧ୍ୟରେ କଡା ମୁକାବିଲା ଦେଖିବାକୁ ମିଳିଥିଲା। କୁଇର ପାଞ୍ଚରାଉଣ୍ଡ ପରେ ଚେନ୍ନଇସ୍ଥିତ ପିଏସ ସିନିୟର ସେକେଣ୍ଡାରୀ ସ୍କୁଲର ଅର୍ଜୁନ ଅରବିନ୍ଦ ଏବଂ ଏସ ଅଭିନବ ମୋଟ ୫୦ ପଏଣ୍ଟ ସ୍କୋର କରିବା ସହିତ ଚମ୍ପିଆନ ହୋଇଥିଲେ। ଭୁବନେଶ୍ୱର ପୋଖରୀପୁଟ ଡିଏଭି ପବ୍ଲିକ ସ୍କୁଲର ଦିବେନ୍ଦୁ ମିଶ୍ର ଓ କ୍ରିଷ୍ଣେନ୍ଦୁ ମହାପାତ୍ର ରନର୍ସ ଅପ ହୋଇଥିଲେ।

ଚଳିତ ବର୍ଷ ଅଗଷ୍ଟରୁ ନଭେମ୍ବର ମଧ୍ୟରେ ଭାରତରେ ଅହମଦାବାଦ, ବାଙ୍ଗାଲୋର, ଭୁବନେଶ୍ୱର, ଚେନ୍ନଇ, କୋଏମ୍ବାଟୁର, ଦିଲ୍ଲୀ, ହାଇଦରାବାଦ, କୋଚି, କଲକାତା, ଲକ୍ଷ୍ନୌ, ମୁମ୍ବଇ, ନାଗପୁର ଏବଂ ପୁଣେ ଆଦି ୧୪ଟି ସ୍ଥାନରେ ଆଞ୍ଚଳିକ ସ୍ତରରେ ଆୟୋଜିତ ଟିସିଏସ ଆଇଟି ଓ୍ୱିଜରେ ୮ମରୁ ୧୨ଶ ଶ୍ରେଣୀରେ ପଢୁଥିବା ୧୯୦୦ ସ୍କୁଲରୁ ୧୮,୪୩୨ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ମେଗା ଫାଇନାଲ ପୂର୍ବରୁ ଦୁଇଟି ସେମିଫାଇନାଲ ଅନୁଷ୍ଠିତ ହୋଇଥିଲା ଏବଂ ପ୍ରତେକରେ ୭ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରତି ସେମିଫାଇନାଲର ଶ୍ରେଷ୍ଠ ୩ଟି ଦଳ ମେଗାଫାଇନାଲ ପାଇଁ ଯୋଗତା ହାସଲ କରିଥିଲେ ଏବଂ ସେମାନଙ୍କ ସହିତ ୟୁଏଇ ଦଳ ମଧ୍ୟ ରହିଥିଲା।

ସେମି ଫାଇନାଲ ୧ରେ ନାଗପୁର, ବାଙ୍ଗାଲୋର, କୋଏମ୍ବାଟୁର, ହାଇଦରାବାଦ, ଅହମଦାବାଦ, ଭୁବନେଶ୍ୱର ଓ ପୁଣେ ଥିବାବେଳେ ସେମିଫାଇନାଲ ୨ରେ କୋଚି, ଚେନ୍ନଇ, ଦିଲ୍ଲୀ, ଇନ୍ଦୋର, କଲକାତା, ମୁମ୍ବଇ ଓ ଲକ୍ଷ୍ନୌ ରହିଥିଲା। ପ୍ରତେକ ସେମିଫାନାଲରେ ୧୫ଟି ପ୍ରଶ୍ନ ସହିତ ବଜର ଜରିଆରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା ଏବଂ ୧୦ଟି ପ୍ରଶ୍ନ ପରେ ଆଗୁଆ ଥିବା ଦଳ ଓ୍ୱାଇଲଡ କାର୍ଡ ଜରିଆରେ ମେଗା ଫାଇନାଲରେ ସିଧାସଳଖ ପ୍ରବେଶ କରିଥିଲେ। ଅନ୍ୟ ଦୁଇଟି ଦଳକୁ ଅବଶିଷ୍ଟ ପାଞ୍ଚଟି ପ୍ରଶ୍ନରୁ ମନୋନୀତ କରାଯାଇଥିଲା। କଡା ମୁକାବିଲାମୂଳକ ସେମିଫାଇନାଲରେ ମେଗା ଫାଇନାଲକୁ ମୁମ୍ବଇ (ଅଭିଷେକ ମୁଥାଙ୍ଗେ ଓ ନିଖିଲକୁମାର, ଆର ଏନ ପୋଦାର ସ୍କୁଲ), ଅହମଦାବାଦ (ଅଂଶୁଲ ରୟ ଓ ଅଭୟ ଭେଙ୍କଟେଶ, ଦିଲ୍ଲୀ ପବ୍ଲିକ ସ୍କୁଲ, ଭୋପାଳ), ବାଙ୍ଗାଲୋର (ହରିକିରଣ ଓ ସିଦ୍ଧାର୍ଥ ଶ୍ରୀବାସ୍ତବ, ସେ ପଲସ ଇଂଲିଶ ସ୍କୁଲ), ୟୁଏଇ (ମଧୁର ସିଂଘଲ ଓ ମାଧବ ସୁବ୍ରମଣମ, ଦିଲ୍ଲୀ ପ୍ରାଇଭେଟ ସ୍କୁଲ, ଶାରଜା), ଭୁବନେଶ୍ୱର (କ୍ରିଷ୍ଣେନ୍ଦୁ ମହାପାତ୍ର ଓ ଦିବେନ୍ଦୁ ମିଶ୍ର, ଡିଏଭି ପବ୍ଲିକ ସ୍କୁଲ, ପୋଖରୀପୁଟ), ଚେନ୍ନଇ (ଅର୍ଜୁନ ଅରବିନ୍ଦ ଓ ଅଭିନବ, ପିଏସ ସିନିୟର ସେକେଣ୍ଡାରୀ ସ୍କୁଲ, ମାଇଲାପୁର) ଏବଂ କୋଚି (ଅଦିତ ଚନ୍ଦ୍ର ଓ ବିଗ୍ନେଶ କ୍ରିଷ୍ଣନ, ଲୋୟଲା ସ୍କୁଲ, ତ୍ରିଭାନ୍ଦ୍ରମ)କୁ ପ୍ରବେଶ କରିଥିଲେ। ଟିସିଏସର ସିଇଓ ତଥା ଏମଡି ଏନ୍ ଚନ୍ଦ୍ରଶେଖରନ ସମ୍ମାନନୀୟ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିବା ଅବସରରେ କହିଥିଲେ ଯେ ପିଲାମାନଙ୍କର ଜ୍ଞାନ ଓ ଧୀଶକ୍ତି ସହିତ ସେମାନେ ଯେଉଁଭଳି କୌଶଳ ଅବଲମ୍ବନ କରିଛନ୍ତି ତାହା ଦେଖି ସେ ବିସ୍ମିତ ଓ ଅଭିଭୂତ। ପିଲାମାନଙ୍କ ଠାରେ ଯଥେଷ୍ଟ ପ୍ରତିଭା ରହିଛି। ସମସ୍ତ ପ୍ରତିଯୋଗୀ ଦଳକୁ ଅଭିନନ୍ଦନ ଜଣାଉଛି ପ୍ରତ୍ୟେକ ପ୍ରତିଯୋଗୀ ବେଶ ଉତ୍ତମ ପ୍ରଦର୍ଶନ କରିଛନ୍ତି। କୁଇଜର ପାଞ୍ଚରାଉଣ୍ଡ ପରେ ଚେନ୍ନଇ ପିଏସ ସିନିୟର ସେକେଣ୍ଡାରୀ ସ୍କୁଲର ଅର୍ଜୁନ ଅରବିନ୍ଦ ଏବଂ ଏସ ଅଭିନବ ମୋଟ ୫୦ ପଏଣ୍ଟ ରଖିବା ସହିତ ଚମ୍ପିଆନ ହୋଇଥିଲେ। ସେମାନେ ୨୦୧୩ ଟିସିଏସ ଆଇଟି ଓ୍ୱିଜରେ ରନର୍ସ ଅପ ହୋଇଥିଲେ। ଚଳିତ ବର୍ଷ ବିଜେତାଙ୍କୁ ମାଇକ୍ରୁଏୟାର, ସୋନି ହେଡଫୋନ ଏବଂ ୧ଟିବି ଏକ୍ସଟରନାଲ ହାର୍ଡଡିସ୍କ, ପାୱାରବାଙ୍କ, ବ୍ଲୁଟୁଥ ସ୍ପିକର ଏବଂ ଟିସିଏସ ନୁ୍ୟୟର୍କ ମାରାଥନ କିଟ ସହିତ ସ୍ୱର୍ଣ୍ଣ ପଦକ, ଟ୍ରଫି ପ୍ରଦାନ କରାଯାଇଥିଲା। ଡିଏଭି ପବ୍ଲିକ ସ୍କୁଲ ପୋଖରୀପୁଟ, ଭୁବନେଶ୍ୱରର ଦିବେନ୍ଦୁ ମିଶ୍ର ଓ କ୍ରିଷ୍ଣେନ୍ଦୁ ମହାପାତ୍ର ରନର୍ସ ଅପ ହୋଇଥିଲେ। ସେମାନଙ୍କୁ ଲେନୋଭୋ ଆଇଡିଆପାଡ ଗୁରୁ, ସୋନି ହେଡଫୋନ, ପାୱାରବାଙ୍କ, ବ୍ଲୁଟୁଥ ସ୍ପିକର ଏବଂ ଟିସିଏସ ନୁ୍ୟୟର୍କ ମାରାଥନ କିଟ ସହିତ ରୌପ୍ୟ ପଦକ ଓ ଟ୍ରଫି ପ୍ରଦାନ କରାଯାଇଥିଲା।